# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଆସିକା,୪।୧(ସମିସ): ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗାଁରେ ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁବା ମଲିକ(୭୦)। ରବିବାର ସେ ଆଖୁ ବିଲରେ ପାଣି ମଡ଼ାଇବାକୁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ଫଳରେ ଘର ଲୋକଙ୍କ ସହ ଗାଁଲୋକ ତାଙ୍କୁ ଖୋଜିବାକୁ ଯାଇଥିଲେ। ବିଲକୁ ଯାଇ ଦେଖିବା ବେଳକୁ ସେ ଆଖୁ ବିଲରେ ବିଦ୍ୟୁତ୍ ଆଘାତ ପାଇ ଅଚେତ ଅବସ୍ଥାରେ ପଡିରହିଥିଲେ। ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗାୟତ୍ରୀ ସଂକୀର୍ତ୍ତନ ମଣ୍ଡଳୀର ସହର ପରିକ୍ରମା



ଜି.ଉଦୟଗିରି,୪।୧(ସମିସ): ଜି.ଉଦୟଗିରି ନିକଟସ୍ଥ ମାଲିକପଡ଼ି ପଞ୍ଚାୟତର ଗାମୁଲିରେ ଗାୟତ୍ରୀ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଶହ ଶହ ଶ୍ରଦ୍ଧାଳୁ ବାହାରି ହରିନାମ ସଂକୀର୍ତ୍ତନ କରି ସହର ପରିକ୍ରମା କରିଥିଲେ। ଏହା ସହିତ ପ୍ରବଚନ, ନାମଯଜ୍ଞରେ ସାମିଲ ହୋଇଥିଲେ।

## ଏମ୍‌ଆରବି ହାଇସ୍କୁଲର ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ପାରଳାଖେମୁଣ୍ଡି, ୪।୧୨ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ୨୦୦୮ ମସିହାରେ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗୁମ୍ମା ବ୍ଲକ ପାଞ୍ଚମାଇଲ ଅନ୍ତର୍ଗତ ହୋମ୍ ଫାର୍ମରେ ୫୦ରୁ ଅଧିକ ପୁରାତନ ସାଙ୍ଗ ଏକାଠି ହୋଇ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ। ଏହାପରେ ବଣଭୋଜି କରିଥିଲେ।

## ପୁଷ ପୂର୍ଣିମାରେ ଖୋଲିଲା ମା' ବରାଳିନୀଙ୍କ ଦ୍ୱାର

**ବର୍ଷକୁ ଖୋଲିଥାଏ ୫ ଥର**

ଜି.ଉଦୟଗିରି,୪।୧(ସମିସ): ଆଜି ପୁଷ ପୂର୍ଣ୍ଣିମାରେ ଜି.ଉଦୟଗିରି ଅଧିଷ୍ଠାତ୍ରୀ ଦେବୀ ମା' ବରାଳିନୀଙ୍କ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ବର୍ଷକୁ ମା'ଙ୍କ ଦ୍ୱାର ୫ଥର ଖୋଲୁଥିବା ବେଳେ ପୁଷ ପୂର୍ଣ୍ଣିମା ଅନ୍ୟତମ। ଏହିଦିନ ମା'ଙ୍କରେ ବିଶେଷ ରୀତିନୀତି କରାଯାଉଥିବା ବେଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ରହିଥିବା ବେଳେ ପୂଜାଅର୍ଚ୍ଚନା କରାଯାଇଥିଲା। ଏଥିପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଆଖପାଖରୁ ଭକ୍ତଙ୍କ ଗହଳି ଲାଗିରହିଛି। ବାକିଦିନ ମାନଙ୍କରେ ମା'ଙ୍କ ଦ୍ୱାର ବନ୍ଦ ରହୁଥିବା ବେଳେ ଶ୍ରଦ୍ଧାଳୁ ବାହାରେ ପୂଜାର୍ଚ୍ଚନା କରିଥାନ୍ତି।

## ଶୀତ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା



ଦାରିଙ୍ଗବାଡ଼ି,୪।୧(ସମିସ): ଆସନ୍ତା ୮ ରୁ ୧୧ ତାରିଖ ଯାଏ ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଦାରିଙ୍ଗବାଡ଼ିରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ମହୋତ୍ସବକୁ ନେଇ ଲୋକମଙ୍କ ମନରେ ଉତ୍ସାହ ଆଣିବାକୁ ଏହି ଶୋଭାଯାତ୍ରା ହୋଇଥିବା ଜଣାପଡିଛି। ମହୋତ୍ସବ ପାଇଁ ରବିବାର ପୂର୍ବାହ୍ନରେ ଦାରିଙ୍ଗବାଡ଼ି ମା' ପାଟଖଣ୍ଡା ମନ୍ଦିରରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଶୋଭାଯାତ୍ରା ମା' ପାଟଖଣ୍ଡା ମନ୍ଦିରରୁ ବାହାରି ଦାରିଙ୍ଗବାଡ଼ି ବଜାର ପରିକ୍ରମା କରି ଶୀତ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ମହୋତ୍ସବ କମିଟି ସଭାପତି ତଥା ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧିରଜ ପାତ୍ର ମଶାଲ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ସେକ୍ସନ ଅଫିସର ଇନଚାର୍ଜ ସତ୍ୟ ନାରାୟଣ ତ୍ରିପାଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଜାଗୃତି' ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ବଣିକ ସଂଘ ଉପ ସଭାପତି ଦିଲୀପ ସାହୁଙ୍କ ସହିତ ଜାଗୃତି କର୍ମକର୍ତ୍ତା ଓ ଶତାଧିକ ଅଞ୍ଚଳବାସୀ ଏଥିରେ ସାମିଲ ହୋଇଥିଲେ।

## ୪ ଚୋରି ମାମଲାରେ ଗଜପତି ପୁଲିସକୁ ସଫଳତା

# ମାଷ୍ଟର ମାଇଣ୍ଡ ବିଦ୍ୟୁତ୍ ମିଟର ରିଡରଙ୍କ ସମେତ ୨ ଗିରଫ

ପାରଳାଖେମୁଣ୍ଡି,୪।୧(ସମିସ)





**୧୦ ତୋଳା ସୁନା ଅଳଙ୍କାର ସହ ୯ କେଜି ରୁପା ଓ ନଗଦ ୩୩ ହଜାର ଟଙ୍କା ଉଦ୍ଧାର**

**ଚୋରି କରି ଚଢୁଥିଲେ ହାର୍‌ଲେ ଡାଭିଡ୍‌ସନ୍ ବାଇକ୍**

ଗଜପତି ଜିଲ୍ଲାର ଦୁଇଟି ଥାନା ଅଞ୍ଚଳର ୪ ଚୋରି ମାମଲାର ପର୍ଦ୍ଦାଫାସ୍ କରିଛି ପୁଲିସ୍। କେବଳ ୨ ଜଣ ବିଭିନ୍ନ ସ୍ଥାନରେ ତାଲା ବନ୍ଦ ଘରୁ ଚୋରି କରି ଲୋକଙ୍କ ନିଦ ହଜାଇ ଦେଇଥିଲେ। ଏହି ଘଟଣାର ମାଷ୍ଟରମାଣ୍ଡ ଟିପିଏସ୍‌ଓଡିଏଲ୍‌ର ମିଟର ରିଡର ଓ ତାଙ୍କ ସହଯୋଗୀକୁ ପୁଲିସ ଗିରଫ କରିଛି। ମିଟର ରିଡର ଘରକୁ ଘର ବୁଲି ମିଟର ରିଡିଂ ନେଉଥିଲେ। ଏହି ସମୟରେ କାହାଘରେ କେତେଦିନ ହେଲା ତାଲା ପଡିଛି, କିଏ କେତେଦିନ ହେଲା ଘରେ ନାହିଁ ସବୁ ତଥ୍ୟ ଯୋଗାଡ଼ କରି ବିଭିନ୍ନ ସମୟରେ ଜଣେ ସହଯୋଗୀକୁ ନେଇ କଳାକନା ବୁଲାଉଥିଲେ। ଶେଷରେ ସିସିଟିଭି ଧରାଇଦେଇଛି ସେମାନଙ୍କ ସମସ୍ତ କଳା କାରନାମା। ଗିରଫମାନେ ହେଲେ ପାରଳାଖେମୁଣ୍ଡି ସହର କଣ୍ଡରା ସାହିର ଦୁର୍ଗାପ୍ରସାଦ ବେଣିଆ (୨୮) ଯିଏକି ଟିପିଏସ୍‌ଓଡିଏଲ୍‌ର ମିଟର ରିଡର ଭାବେ କାର୍ଯ୍ୟରତ ଏବଂ ତାଙ୍କ ସହଯୋଗୀ ସେହି କଣ୍ଡରାସାହିର ଦେବ ମଣ୍ଡଳ (୩୫) ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତବର୍ଷ ଜୁନ ୨୨ରେ ପାରଳାଖେମୁଣ୍ଡି ସହରର ଗଜେନ୍ଦ୍ର ସାହିର ସନ୍ଦୀପ ନାମକ ଜଣେ ବ୍ୟବସାୟୀଙ୍କ ଘରେ ପଶି ୧୦କେଜି ରୁପା ଓ ୩ ତୋଳା ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟିନେଇଥିଲେ। ସେହିପରି ଗୁରାଣ୍ଡି ଥାନା ଅନ୍ତର୍ଗତ ମଧୁରନାରାୟଣପେଟା ଗ୍ରାମର ଟି.ଲବକୁମାର ନାମକ ଜଣେ ବ୍ୟବସାୟୀ ସେପ୍ଟେମ୍ବର୧୪ରେ ସପରିବାର ତିରୁପତି ଯାଇଥିବାବେଳେ ତାଙ୍କ ତାଲା ବନ୍ଦ ଘରୁ ଭେଣ୍ଟିଲେଟର ଭାଙ୍ଗି ନଗଦ ୧ଲକ୍ଷ ଟଙ୍କା, ୨ ତୋଳା ସୁନା ଅଳଙ୍କାର ସମେତ ରୁପା ସାମଗ୍ରୀ ଚୋରି ହୋଇଥିଲା। ଗତ ଡିସେମ୍ବର ୧୨ରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ବାଟଗୌଡ଼ ସାହି ଛକରେ ରହୁଥିବା ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ର ନାଥ ପାଢ଼ୀଙ୍କ ଘରୁ ରାତି ୮ଟାରେ ଘରର ସ୍କାଏଲାଇଟ ଭାଙ୍ଗି ପଶି ଲକର ତାଡ଼ି କିଛି ସୁନା ଗହଣା ଏବଂ ୨୫ ହଜାର ନଗଦ ଚୋରି ହୋଇଥିବା ଡିସେମ୍ବର ୧୩ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ୨୭ ଡିସେମ୍ବରରେ ପାରଳାଖେମୁଣ୍ଡି ସହର କୁମୁଟି ସାହିର କେ.ନାରାୟଣରାଓଙ୍କ ଘରୁ ୧.୫ କେଜି ଓଜନର ରୁପା ସାମଗ୍ରୀ ଓ ନଗଦ ୪୦ହଜାର ଟଙ୍କା ଲୁଟି ନେଇଥିଲେ। ତେବେ ସମସ୍ତ ଘଟଣାରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଘଟଣାର ପରେ ଆଉ ଗୋଟିଏ ଘଟଣାରେ ଧରାପଡିଥିବା ଦୁଇ ଚୋର ଚୋରି ଘଟଣା ସାମନାକୁ ଆସିଥିଲା। ତଦନ୍ତ ସମୟରେ ସହରରେ ଘଟିଥିବା ଅନ୍ୟ ତିନୋଟି ଘଟଣାର ସମାନ ରୂପକ ଘଟଣା ବିଧି ଦେଖିବାକୁ ମିଳିଥିଲା ପାରଳାଖେମୁଣ୍ଡି ଏବଂ ଗୁରାଣ୍ଡି ପୁଲିସକୁ। ତଦନ୍ତ ବେଳେ ସିସିଟିଭି ଫୁଟେଜ ଓ ଟେକ୍ନୋଲୋଜି ବ୍ୟବହାର କରି ପୁଲିସ ଦୁଇ ଜଣ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି। ଦୁଇ ଚୋର ମଧ୍ୟରେ ଦୁର୍ଗାପ୍ରସାଦ ମିଟର ରିଡର ଭାବେ କାର୍ଯ୍ୟରତ ଥିଲେ। ମିଟର ରିଡିଂ ନେବାବେଳେ ପରିବାର ଲୋକଙ୍କ ଅନୁପସ୍ଥିତି ନେଇ ତଥ୍ୟ ସଂଗ୍ରହ କରି ଚୋରି ପାଇଁ ବ୍ଲୁ-ପ୍ରିଣ୍ଟ କରୁଥିଲେ। ଏହି ଦୁଇ ଅଭିଯୁକ୍ତ ପାରଳାଖେମୁଣ୍ଡି ସହରରେ ଘଟିଥିବା ୩ ଘଟଣା ଏବଂ ଗୁରାଣ୍ଡି ଥାନା ଅନ୍ତର୍ଗତ ଏମ୍‌ଏନ ପେଟାରେ ଲୁଟ କରିଥିଲେ। ଏହାପରେ ଦୁଇ ଅଭିଯୁକ୍ତ ଲୁଟ ସୁନା ଗହଣାକୁ ନେଇ ମୁଥୁଟ୍ ଫାଇନାନ୍ସ କମ୍ପାନୀରେ ବନ୍ଧକ ରଖି ଲକ୍ଷାଧିକ ଟଙ୍କା ଋଣ ନେଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ପାଖରୁ ୧୧୪ଗ୍ରାମ ସୁନା, ୯ କିଲୋ ରୁପା, ନଗଦ ୩୩ ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ହାର୍‌ଲି ଡେଭିଡସନ୍ ବାଇକ୍ ସହ ଗୋଟିଏ ସ୍କୁଟି ଜବତ କରିଛି ପୁଲିସ। ଚୋରି ହୋଇଥିବା ପ୍ରାୟ ସମସ୍ତ ଜିନିଷ ଫେରି ପାଇଥିବାରୁ ସାମ୍ବାଦିକ ଦ୍ୱିଜେନ ପାଢ଼ୀ ଗଜପତି ପୁଲିସର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଉପ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୁପତି, ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ପ୍ରମୁଖଙ୍କ ସମେତ ପାରଳାଖେମୁଣ୍ଡି ଓ ଗୁରାଣ୍ଡି ଥାନାର ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## 'ବ୍ରେଲ୍ ଲିପି ପଢ଼ିଲେ ଦୃଷ୍ଟିବାଧିତଙ୍କ ଜୀବନ ମାନଦଣ୍ଡ ବଦଳିବ'



ପାରଳାଖେମୁଣ୍ଡି,୪।୧ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଭିନ୍ନକ୍ଷମ ଅନୁଷ୍ଠାନ ସମର୍ଥ ଓ ସାଇଟ୍ ସେଭର୍ସ ଇଣ୍ଡିଆର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସଭାଗୃହରେ ବିଶ୍ୱ ବ୍ରେଲି ଦିବସ ତଥା ବ୍ରେଲି ଲିପିର ପ୍ରତିଷ୍ଠାତା ଲୁଇସ୍ ବ୍ରେଲିଙ୍କ ୨୧୭ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଭିନ୍ନକ୍ଷମ ମଞ୍ଚର ରାଜ୍ୟ ସଭାପତି ତଥା ଭିନ୍ନକ୍ଷମ ଅନୁଷ୍ଠାନ ସମର୍ଥର ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିମଳ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରେଲ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହ ଆଇନ ସମ୍ପର୍କରେ ସଚେତନତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ, ସାମାଜିକ କଲ୍ୟାଣ ବିଭାଗର ଗାୟତ୍ରୀ ପଟ୍ଟନାୟକ, ସ୍ୱଙ୍ଗ କାର୍ଯ୍ୟକ୍ରମର ସଂଯୋଜକ ଶିବାନୀ ପାଣିଗ୍ରାହୀ, କମନୱେଲଥ୍ ଯୁଥ୍ ଡିଜାବିଲିଟି ଫରମର ସମ୍ପାଦକ ଶିଶିର ରାଉଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡିର ନିର୍ଦ୍ଦେଶକ ଏ. ଜଗନ୍ନାଥ ରାଜୁ, ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସଂପ୍ରସାରଣ ଅଧିକାରୀ ମମତା ପାଢୀ ଯୋଗଦେଇ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ବ୍ରେଲ୍ ଲିପି ପଢ଼ିବା ଓ ତାର ଅଧିକ ବ୍ୟବହାର କରିବା ଦ୍ୱାରା ହିଁ ସେମାନଙ୍କ ଜୀବନର ମାନଦଣ୍ଡ ଅଧିକ ଉନ୍ନତ ହୋଇପାରିବ ବୋଲି କହିଥିଲେ। ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ପ୍ରୋତ୍ସାହନ ଓ ସହାୟତା ସମ୍ପର୍କରେ କହିଥିଲେ। କୋରାପୁଟ ଜିଲ୍ଲା ଓର୍ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଉମାମହେଶ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଗହଣରେ ଉପସ୍ଥିତ ସମସ୍ତ ଦୃଷ୍ଟିବାଧିତଙ୍କ ସମେତ ଅନ୍ୟମାନେ ଲୁଇସ୍ ବ୍ରେଲିଙ୍କ ଜନ୍ମ ଜୟନ୍ତୀ ଦିନରେ କେକ କାଟିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ସ୍ମାର୍ଟ ମୋବାଇଲ ଫୋନ୍, ସାହା ବାଡି ବଣ୍ଟନ କରାଯାଇଥିଲା। ଭିନ୍ନକ୍ଷମ ଅନୁଷ୍ଠାନ ସମର୍ଥର ଜିଲ୍ଲା ସଂପାଦକ ସନ୍ତୋଷ କୁମାର ମହାରଣା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲାପରିଷଦ ଡିପିଆରସିର ଅଧ୍ୟାପକ ଏବଂ ଗବେଷଣା ବିଶ୍ଳେଷକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସଂଯୋଜନା କରିଥିଲେ।






ଗଜପତି ଜିଲ୍ଲା ସୀମାନ୍ତ ଅନ୍ଧ୍ରପ୍ରଦେଶ ଶ୍ରୀକାକୁଳମ୍ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ସମେତ ୨ ଶିଶୁଙ୍କ ମୃତ୍ୟୁ ଘଟିଛି।

**ମୁହାଁମୁହିଁ ଧକ୍କା ପରେ କାର୍ ଓ ବୁଲେଟ୍ ଜଳିଯିବା ଘଟଣା**

## ବଡ଼ଭାଇଙ୍କ ମୃତ୍ୟୁ; ସାନ ଗୁରୁତର

ଟିକାବାଲି,୪।୧(ସମିସ): ଟିକାବାଲି ଥାନା ଅନ୍ତର୍ଗତ ଡୁଙ୍ଗି ନିକଟରେ ଶନିବାର ଘଟିଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ରାଜେଶ ନାୟକ(୨୨)ଙ୍କ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତି ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ରାଜେଶଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତକାଲି ସକାଳେ ବେଡ଼ାସୁଗା ଗ୍ରାମର ପର୍ଶୁରାମ ନାୟକଙ୍କ ଦୁଇ ପୁଅ ରାଜେଶ ଓ ସିପୁ ଏକ ବୁଲେଟ୍ ଯୋଗେ ଔଷଧ ଆଣିବାକୁ ଯାଉଥିବା ବେଳେ ଏକ କାର୍ ସହ ବୁଲେଟ୍‌ର ମୁହାଁମୁହିଁ ଧକ୍କା ହୋଇ ଉଭୟ ଗାଡ଼ି ଜଳିଯାଇଥିଲା। ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଦୁଇ ଭାଇଙ୍କୁ ଉଦ୍ଧାର କରି ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ବହୁ ଚେଷ୍ଟା ସତ୍ତ୍ୱେ ବଡ଼ଭାଇ ରାଜେଶର ମୃତ୍ୟୁ ହୋଇଛି। ଅନ୍ୟପଟେ ସାନଭାଇ ସିପୁ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଆଜି ଅପରାହ୍ନ ୪ଟାରେ ମୃତକଙ୍କ ବାପା ପର୍ଶୁରାମ ନାୟକ ଟିକାବାଲି ଥାନାରେ ଏତଲା ଦେଇଛନ୍ତି। ଟିକାବାଲି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରିଣୀ ପ୍ରଜ୍ଞା ରୀତାମ୍ବରା କର ସୂଚନା ଦେଇଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୂର୍ବରୁ ଜବତ କରିଥିବା ବେଳେ ଘଟଣାର ଅଧିକ ଯାଞ୍ଚ ଜାରି ରଖିଛି। ଜଣେ ଉଦୀୟମାନ ଯୁବକଙ୍କ ଏଭଳି ଅକାଳ ବିୟୋଗ ପରିବାର ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

## ଷୋହଳଖଣ୍ଡ ଗୋପାଳ ସମାଜର ଜିଲ୍ଲା ଉନ୍ନୟନ କମିଟି ଗଠିତ



ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜର ଜିଲ୍ଲା ଉନ୍ନୟନ କମିଟି ଗଠିତ ହୋଇଛି। ଆଜି ପାରଳାଖେମୁଣ୍ଡି ସ୍ଥିତ ଚିତ୍ରକାର ସାହି ନିକଟସ୍ଥ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ସମାଜର ଜିଲ୍ଲା ସଭାପତି ଖଦାଳ ଗୌଡଙ୍କ ନିର୍ଦ୍ଦେଶ ପ୍ରକାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ସମାଜର ବିଭନ୍ନ ସମସ୍ୟା, ଉନ୍ନୟନ ମୂଳକ କାର୍ଯ୍ୟ ଓ ଆଗାମୀ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ସହମତି କ୍ରମେ ଜିଲ୍ଲା ଉନ୍ନୟନ କମିଟି ଗଠିତ ହୋଇଛି। ବିଜୟ କୁମାର ଗୌଡଙ୍କୁ ଉନ୍ନୟନ କମିଟିର ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବରେ ସୂର୍ଯ୍ୟ ନାରାୟଣ ମହାଙ୍କୁଡ, କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ମହାଙ୍କୁଡ ମନୋନୀତ କରାଯାଇଛି। ତତ ସହିତ କମିଟିରେ ୬ ଜଣ ସଭ୍ୟଙ୍କୁ ମଧ୍ୟ ମନୋନିତ କରାଯାଇଛି। ଏହି କମିଟି ସମାଜର ବିଭନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ସମନ୍ୱୟ ରକ୍ଷା କରିବ।

## ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ନେଇ ସାମ୍ବାଦିକ ସମ୍ମିଳନୀ

# ହଜାରେ ଚାଷୀଙ୍କୁ କରାଯିବ ସଚେତନ

ପାରଳାଖେମୁଣ୍ଡି,୪।୧(ସମିସ)



ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫-୨୬ର ଆୟୋଜନକୁ ନେଇ ଆଜି ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେଗାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆ।ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୬ରୁ ୧୦ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟମ୍‌ରେ ଏହି ମେଳା ଅନୁଷ୍ଠିତ ହେବ। ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ହେଉଥିବାବେଳେ ୫ ଜିଲ୍ଲା ଯଥା ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧର ଚାଷୀ ଯୋଗ ଦେବେ। ଏହା ସହିତ ଏହି ଜିଲ୍ଲାର କୃଷି ଯନ୍ତ୍ରପାତି ବିତରକ ପ୍ରମୁଖ ଅଂଶଗ୍ରହଣ କରିବେ। ଏହି ମେଳାରେ ୧୧୦ ଗୋଟି ଷ୍ଟଲ୍ ରହିବ। ସେଥିମଧ୍ୟରୁ ପ୍ରାୟତଃ ୪୦ ଜଣ ବିତରକଙ୍କ ୬୦ ଗୋଟି ଷ୍ଟଲ୍ ଗୁଡିକରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ସରକାରଙ୍କ ରିହାତି ଦରରେ ବିକ୍ରୟ ଏବଂ କିଣାବିକାର ବ୍ୟବସ୍ଥା ରହିବ। ଏହା ସହିତ ବିଭିନ୍ନ ବିଭାଗର ମୋଟ ୪୦ ଷ୍ଟଲ୍‌ରେ ପ୍ରଦର୍ଶନ ସହିତ ଯେଉଁଥିରେ କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ସେଞ୍ଚୁରିୟାନ୍ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଏନ୍‌ଜିଓ ଇତ୍ୟାଦି ଷ୍ଟଲ ସବୁ ରହିବ। କୃଷି ଯନ୍ତ୍ରପାତିର ସମସ୍ତ କୃଷକଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯିବାର ବ୍ୟବସ୍ଥା ରହିଛି। ଏହି ମେଳାରେ ଦିନକୁ ପ୍ରାୟ ଏକ ହଜାରରୁ ଅଧିକ ଚାଷୀ ଅଂଶ ଗ୍ରହଣ କରିବେ। ପ୍ରତିଦିନ ୨୦୦ରୁ ଅଧିକ ଚାଷୀଙ୍କୁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସ୍ତରୀୟ କୃଷି ବୈଜ୍ଞାନିକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱିଦ୍ୟାଳୟର ବୈଜ୍ଞାନିକ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଚାଷୀଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ପାଇଁ ଅବଗତ କରାଇବେ।

ଜିଲ୍ଲାର ବିଭିନ୍ନ ବିଭାଗ ତଥା ଉଦ୍ୟାନ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ମିଶନ ଶକ୍ତି ଓ ଓଡିଶା ମିଲେଟ୍ ମିଶନ ଭଳି ବିଭିନ୍ନ ବିଭାଗର ଯନ୍ତ୍ରପାତି ପ୍ରଦର୍ଶିତ କରାଯିବ। ଫଳରେ ଚାଷୀମାନେ ବିଭିନ୍ନ ଚାଷ ସଂପର୍କରେ ଜ୍ଞାନ ଅର୍ଜନ କରିବା ସହିତ କୃଷିର ବିକାଶ ହେବା ସହିତ କୃଷକଙ୍କୁ ସଚେତନ କରାଯିବା ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ପାଞ୍ଚ ଜିଲ୍ଲାର ଚାଷ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯିବ। ସେହିପରି ଚାଷୀ ଓ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟା ୫ ଠାରୁ ୯ ଘଣ୍ଟା ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ଓ ରାଜ୍ୟସ୍ତରୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ୍.ପ୍ରକାଶ ରାଓ, ଜିଲ୍ଲା କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲା କୃଷି ଅଧିକାରୀ କେ.ସୁରଜ କୁମାର ପାତ୍ର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ପ୍ରମୁଖ ଉପସ୍ଥିତ ଥିଲେ।

**କନ୍ଧମାଳ ମହୋତ୍ସବ**

## ରାଇକିଆରେ ମାସ୍କଟ ଓ ମଶାଲ ଶୋଭାଯାତ୍ରା



ରାଇକିଆ,୪।୧(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଆସନ୍ତା ୭ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କଳା ସଂସ୍କୃତିର ପ୍ରତୀକ କନ୍ଧମାଳ ମହୋତ୍ସବ ପାଇଁ ରବିବାର ରାଇକିଆରେ ପହଞ୍ଚିଛି ମାସ୍କଟ ଓ ମଶାଲ। ଜିଲ୍ଲା ର ପ୍ରତ୍ୟେକ ଅଞ୍ଚଳ ରେ ଏହାର ପ୍ରଚାର ଓ ପ୍ରସାର ଏବଂ ଗ୍ରାମାଞ୍ଚଳ ର ଲୋକଙ୍କୁ ଏଥିରେ ସାମିଲ୍ ପାଇଁ ପ୍ରତ୍ୟେକ ବ୍ଲକ୍‌କୁ ମଶାଲ ପହଞ୍ଚିଛି। ଏହାକୁ ବ୍ଲକ୍ ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ କରାଯିବ ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମ ରେ ବିଡ଼ିଓ ସବ୍ୟସାଚୀ ସାହୁ, ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ, ତହସିଲଦାର ବରିୟାଲ ମୁର୍ମୁ, ଏମପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ଗଜେନ୍ଦ୍ର ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ, ଡବ୍ଲୁଇଓ ଉର୍ମିଳା ପ୍ରଧାନ, ଓଏଲ୍‌ଏମ ବିପିଏମ୍ ଜୟଦେବ ପ୍ରଧାନଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ, କଲେଜ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

